# ଅନୁଗୋଳ ଜିଲ୍ଲାରେ ରଥଯାତ୍ରା ବନ୍ଦ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଜାରି ହେଲା ନିର୍ଦ୍ଦେଶନାମା ।

ଅନୁଗୋଳ,୧୯.୬ :- ସମ୍ପ୍ରତି ମହାମାରୀ କରୋନା ସାରା ବିଶ୍ୱରେ ତାର କାୟା ବିସ୍ତାର କରିଚାଲିଥିବାବେଳେ ଓଡିଆମାନଙ୍କର ପାରମ୍ପରିକ ପର୍ବ ପବିତ୍ର ରଥଯାତ୍ରାକୁ ଗତକାଲି ମାନ୍ୟବର ସୁପ୍ରିମକୋର୍ଟ ବନ୍ଦ କରିଛନ୍ତି । ଲୋକମାନଙ୍କର ଜୀବନର ସୁରକ୍ଷା ଓ କରୋନା ସଂକ୍ରମଣର ବ୍ୟାପକତାକୁ ଦୃଷ୍ଟିରେ ରଖି ମାନ୍ୟବର ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତିର ଅନୁପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ବନ୍ଦ କରାଯିବା ନିମନ୍ତେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆଜିଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି ।